# NATIONAL NEWS BULLETIN (ODIA)
## 13 October - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତର ପ୍ରଗତି ସାମୂହିକ ଅଭିବୃଦ୍ଧି ଓ ସହଭାଗି ସୁଯୋଗ ଉପରେ ପର୍ଯ୍ୟବେଶିତ, କହିଲେ ପ୍ରଧାନମନ୍ତ୍ରୀ ।
- ରାଞ୍ଚି ଆଇ.ଆଇ.ଆଇ.ଟି. ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ ପାଇଁ ତିନି ଜଣିଆ କମିଟି ଗଠିତ ।
- ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏବଂ ରାଜ୍ୟସଭା ସଦସ୍ୟତା ପଦରୁ ଇସ୍ତଫା ଦେଲେ ଡକ୍ଟର ଏଲ୍. ମୁରୁଗାନ୍ ।

ଏବଂ

- ଚର୍ମ ରୋଗ କ୍ଷେତ୍ରରେ ଆୟୁର୍ବେଦ, ସିଦ୍ଧ, ୟୁନାନି ଓ ହୋମିଓପାଥିକ୍ ଚିକିତ୍ସା ପାଇଁ ଜାରି ହେଲା ମାନକ ନିର୍ଦ୍ଦେଶାବଳୀ ।

# ପିଏମ୍ ଇକୋନୋମିକ ଫୋରମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ପ୍ରଗତି ସାମୂହିକ ଅଭିବୃଦ୍ଧି ଓ ସହଭାଗି ସୁଯୋଗ ଉପରେ ପର୍ଯ୍ୟବେଶିତ । ନୂଆଦିଲ୍ଲୀର ବ୍ଲୁମବର୍ଗ ନିଉ ଇକୋନୋମି ଫୋରମରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, କେନ୍ଦ୍ର ସରକାର ପ୍ରଶାସନିକ ଆଭିମୁଖ୍ୟ ଏବଂ କାର୍ଯ୍ୟ ସଂସ୍କୃତିରେ ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି । ବର୍ତ୍ତମାନର ଯୁଗରେ ଡିଜିଟାଲ ଶକ୍ତି ଏହି ପରିବର୍ତ୍ତନର ଅନ୍ୟତମ ପ୍ରମୁଖ ବାହକ ହୋଇଥିବା ବେଳେ ପରବର୍ତ୍ତି ପିଢ଼ି  ସଂସ୍କାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଡିଜିଟାଲ ଶକ୍ତି ଭାରତ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତର ଆର୍ଥିକ ଅଭିବୃଦ୍ଧି ସୁଦୃଢ଼ ରହିଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଜିଡିପି ଅଭିବୃଦ୍ଧି ୭ ଦଶମିକ ୮ ପ୍ରତିଶତ ହୋଇଛି । ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ ଡଲାର ଅତିକ୍ରମ କରିଛି । ବ୍ୟାଙ୍କିଂ ବ୍ୟବସ୍ଥା ମଧ୍ୟ ଅନେକ ଦଶନ୍ଧି ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ସ୍ଥିତିରେ ରହିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ରହିଥିବା ୨ହଜାରରୁ ଅଧିକ ବୈଶ୍ୱିକ ସାମର୍ଥ୍ୟ କେନ୍ଦ୍ର ମାଧ୍ୟମରେ କମ୍ପାନୀଗୁଡ଼ିକୁ ଆବଶ୍ୟକ ସହଯୋଗ ପ୍ରଦାନ କରାଯାଉଛି । ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତି, ତଥ୍ୟ, ଜ୍ଞାନ ଏବଂ ନବସୃଜନ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଉତ୍ସ ପାଲଟିଛି । ଭାରତର ସାମର୍ଥ୍ୟ ଅନ୍ୟ ଦେଶମାନଙ୍କ ପାଇଁ ମଧ୍ୟ ସୁଯୋଗର ନୂତନ ଦ୍ୱାର ଖୋଲିବା ଲାଗି ସରକାରଙ୍କ ନିରନ୍ତର ପ୍ରୟାସ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-Global**

ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୧୪ ମସିହାରୁ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉଲ୍ଲେଖନୀୟ ଭାବେ ସମ୍ପ୍ରସାରିତ ହୋଇଛି ଏବଂ ଷ୍ଟାର୍ଟଅପ୍ ସଂଖ୍ୟା ୨ଲକ୍ଷ ୫୦ହଜାର ସଂଖ୍ୟା ଅତିକ୍ରମ କରିଛି ।

# ଏଜୁକେସନ୍ ମିନି-କମିଟି

ରାଞ୍ଚି ସ୍ଥିତ ସୂଚନା ଓ ପ୍ରଯୁକ୍ତି ଭାରତୀୟ ପ୍ରତିଷ୍ଠାନ ଆଇ.ଆଇ.ଆଇ.ଟି. ଛାତ୍ର ମୃତ୍ୟୁର ତଦନ୍ତ ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି । ଦିଲ୍ଲୀ ୟୁନିଭରସିଟି ସାଉଥ୍ କ୍ୟାମ୍ପସ୍‌ର ଡାଇରେକ୍ଟର ପ୍ରଫେସର ରଜନୀ ଆବିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଛାତ୍ର ମୃତ୍ୟୁ ଘଟଣାର ଅନୁସନ୍ଧାନ କରିବ । କମିଟି କ୍ୟାମ୍ପସ୍‌ରେ ନିର୍ଦ୍ଦେଶାବଳୀର ପାଳନ କରାଯାଇଛି କି ନାହିଁ ବିଶେଷ କରି ସେଠାରେ

ଥିବା ମୌଳିକ ସୁବିଧା, ଶିକ୍ଷାନୁଷ୍ଠାନର ପରାମର୍ଶ, ସହଯୋଗ ଓ ଅଭିଯୋଗ ସମାଧାନ ବ୍ୟବସ୍ଥାରେ ଥିବା ତ୍ରୁଟି ସମ୍ପର୍କରେ ଅନୁଧ୍ୟାନ କରିବ । ଭବିଷ୍ୟତରେ ଏଭଳି ଦୁର୍ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେ ସମ୍ପର୍କରେ କମିଟି ଆବଶ୍ୟକ ପରାମର୍ଶ ପ୍ରଦାନ କରିବ ।

## ଇଣ୍ଡିଆ-କାନାଡ଼ା

କାନାଡ଼ାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ନୂଆଦିଲ୍ଲୀରେ ସେ ପହଞ୍ଚିବା ପୂର୍ବରୁ ସମ୍ବାଦ ସରବରାହ ସଂସ୍ଥା ସହ ଆଲୋଚନା କାଳରେ ଭାରତରେ ଅବସ୍ଥାପିତ କାନାଡ଼ାର ଉଚ୍ଚାୟୁକ୍ତ କ୍ରିଷ୍ଟୋଫର୍ କୁଟର୍ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ କାନାଡ଼ା ପ୍ରତିପକ୍ଷଙ୍କ ହୋଇଥିବା ଆଲୋଚନା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ କାନାଡ଼ା ପ୍ରତିପକ୍ଷ ମାର୍କ କାର୍ଣ୍ଣେଙ୍କ ମଧ୍ୟରେ ରହିଥିବା ଦୃଢ଼ ବୁଝାମଣା ସମ୍ପର୍କରେ ଉଲ୍ଲେଖ କରି ଉଚ୍ଚାୟୁକ୍ତ କୁଟର୍ କହିଛନ୍ତି, ଉଭୟ ଦେଶ ମଧ୍ୟରେ ସମ୍ପର୍କ ତ୍ୱରାନ୍ୱିତ ହେଉଛି । ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି । ଆସନ୍ତା ବର୍ଷ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୮୦ ବର୍ଷ ପୂରଣ ହେବାକୁ ଯାଉଛି ।

## ଏନ୍‌ସିସି-ଜେନେରାଲ୍ କନ୍‌ଫରେନ୍ସ

କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଂଜୟ ସେଠ୍ ଆସନ୍ତା ଗୁରୁବାର ଦିନ ଗୌହାଟୀରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ – ଏନ୍.ସି.ସି.ର ସ୍ୱତନ୍ତ୍ର ମିଳିତ ରାଜ୍ୟ ପ୍ରତିନିଧି ଓ ଅତିରିକ୍ତ ମହାନିର୍ଦ୍ଦେଶକ ସମ୍ମିଳନୀ ୨୦୨୬ରେ ଯୋଗଦେବେ । ସମ୍ମିଳନୀରେ ଏନ୍.ସି.ସି.ର ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ବୀରେନ୍ଦ୍ର ଭାଟ ଯୋଗଦେଇ ଉତ୍ତରପୂର୍ବାଞ୍ଚଳରେ ଏନ୍.ସି.ସି.ରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିବେ । ଏହି ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରଣାଳୟ, ଏନ୍.ସି.ସି. ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ ।ଏନ୍.ସି.ସି.ରେ ଶିକ୍ଷାର୍ଥି କଲ୍ୟାଣ ପାଣ୍ଠି, ପ୍ରଶିକ୍ଷଣ ଓ ଆନୁଷ୍ଠାନିକ ସୁଦୃଢ଼ତା ଏବଂ ପ୍ରଶାସନିକ ଆହ୍ୱାନକୁ କିପରି ଆହୁରି ସୁ-ସଂହତ କରାଯାଇପାରିବ ସେ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯିବ ।

## ମୁରୁଗାନ୍-ରିଜାଇନ୍

ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି । ରାଜ୍ୟସଭା ସଦସ୍ୟତା ପଦରୁ ମଧ୍ୟ ସେ ଇସ୍ତଫା ଦେଇଥିବା ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲେଖିଥିବା ଇସ୍ତଫା ପତ୍ରରେ ଡକ୍ଟର ମୁରୁଗାନ ଶ୍ରମିକର

ସନ୍ତାନ ଭାବେ ଆରମ୍ଭ ହୋଇଥିବା ତାଙ୍କ ଜୀବନ କେନ୍ଦ୍ର ମନ୍ତ୍ରୀ ପରିଷଦରେ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବା ଏକ ସୌଭାଗ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ଦଳୀୟ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ସେ ଇଚ୍ଛୁକ ବୋଲି ତାଙ୍କ ଇସ୍ତଫାପତ୍ରରେ ସୂଚନା ଦେଇଛନ୍ତି । ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଜେପିକୁ ମଜବୁତ କରିବା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ ବୋଲି ଡକ୍ଟର ମୁରୁଗାନ କହିଛନ୍ତି ।

# ସେବା ସଂକଳ୍ପ-ଜିଏସ୍‌ଟି କାଉନ୍‌ସିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଜିଏସ୍‌ଟି' ପରିଷଦ ପକ୍ଷରୁ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପଗୁଡ଼ିକ ଉପରେ ସୂଚନା ପ୍ରଦାନ କରୁଛୁ ।

ଭାରତୀୟ ଟିକସ ସଂସ୍କାର ଯାତ୍ରାରେ ୨୦୧୭ ଜୁଲାଇ ପହିଲାରେ ଆରମ୍ଭ କରାଯାଇଥିବା ଜି.ଏସ୍.ଟି. ଏକ ଉଲ୍ଲେଖନୀୟ ମାଇଲ୍‌ଖୁଣ୍ଟ । କେନ୍ଦ୍ରୀୟ ଓ ରାଜ୍ୟର ବିଭିନ୍ନ ଟିକସକୁ ଗୋଟିଏ ବ୍ୟବସ୍ଥା ମଧ୍ୟରେ ଏକୀକୃତ କରାଯାଇ 'ଏକ୍ ଦେଶ, ଏକ୍ ଟିକସ' ବ୍ୟବସ୍ଥାକୁ ଦେଶ ବ୍ୟାପି ଲାଗୁ କରାଯାଇଥିଲା । ଜି.ଏସ୍.ଟି. ପରିଷଦ କରଦାତା ଅନୁକୂଳ ବ୍ୟବସ୍ଥା ମାଧ୍ୟମରେ ସହଜ ଓ ସୁବିଧା ବ୍ୟବସ୍ଥା ଆପଣେଇବାକୁ ପ୍ରସ୍ତାବ ଦେଇଥିଲା । ଗତବର୍ଷ କରାଯାଇଥିବା ଆଗାମୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଏହାକୁ ଆହୁରି ସରଳ କରିଥିଲା । ପୂର୍ବରୁ ଥିବା ୫, ୧୨, ୧୮ ଓ ୨୮ ପ୍ରତିଶତ ଚାରିସ୍ତର ବିଶିଷ୍ଟ ଟିକସ ଢାଞ୍ଚାକୁ ପରିବର୍ତ୍ତନ କରାଯାଇ ୫ ଓ ୧୮ ପ୍ରତିଶତ ଦୁଇଟି ସ୍ତରରେ ସୀମିତ ରଖିଥିଲା ।

ଆଜି ନୂଆଦିଲ୍ଲୀ ବ୍ଲୁମ୍ବର ନ୍ୟୁ ଇକୋନମିକ୍ ଫୋରମ୍‌ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜି.ଏସ୍.ଟି. ବ୍ୟବସ୍ଥା ଦ୍ୱାରା ସରକାର ଜଟିଳ ଟିକସ ବ୍ୟବସ୍ଥାକୁ ସରଳୀକୃତ କରିଛନ୍ତି ।

**V/O**

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୫୮ତମ ଜି.ଏସ୍.ଟି. ପରିଷଦ ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗଣମାଧ୍ୟମକୁ କହିଛନ୍ତି, ଜି.ଏସ୍.ଟି. ଅଧିକାରୀଙ୍କଠାରୁ ଗିରଫ୍ କରିବା କ୍ଷମତା ପ୍ରତ୍ୟାହାର କରିନେବା ପାଇଁ ପରିଷଦ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜି.ଏସ୍.ଟି.

ଖିଲାପକାରୀଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆର୍ଥିକ ସୀମାକୁ ୧ କୋଟିରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ।

## ଆୟୁଷ ମିନିଷ୍ଟ୍ରୀ-ଗାଇଡ୍‌ଲାଇନ୍ସ

ଚର୍ମ ରୋଗ କ୍ଷେତ୍ରରେ ଆୟୁର୍ବେଦ, ସିଦ୍ଧ, ୟୁନାନି ଏବଂ ହୋମିଓପାଥି ଚିକିତ୍ସା ପାଇଁ ଏକ ମାନକ ନିର୍ଦ୍ଦେଶାବଳୀ ଆୟୁଷ ମନ୍ତ୍ରଣାଳୟ ଜାରି କରିଛି । ଯୋଗ ଆଧାରରେ ଏହି ନିର୍ଦ୍ଦେଶାବଳୀ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଓ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆୟୁଷ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଆୟୁଷ ଚିକିତ୍ସା କ୍ଷେତ୍ରରେ ସମାନତା, ଗୁଣବତ୍ତାକୁ ସୁନିଶ୍ଚିତ କରିବା ଏବଂ ପ୍ରମାଣ ଆଧାରିତ ପ୍ରଣାଳୀକୁ ଅଧିକ ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଏହି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଜାତୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସମନ୍ୱିତ ଆୟୁଷ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ଏହି ନିର୍ଦ୍ଦେଶାବଳୀ ଅଧିକ ସଶକ୍ତ କରିବ ।

## ଇଣ୍ଡିଆ-ସାଇପ୍ରସ

ଭାରତ ଓ ସାଇପ୍ରସ ମଧ୍ୟରେ ଦ୍ୱିପାକ୍ଷିକ ନୌସେନା ସହଯୋଗ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଲୋଚନା ଆଜି ଅନୁଷ୍ଠିତ ହୋଇଛି । ସାଇପ୍ରସ୍‌ଠାରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ନେତୃତ୍ୱରେ ଭାରତୀୟ ପ୍ରତିରକ୍ଷା ମଣ୍ଡଳୀ ସାଇପ୍ରସ୍ ନୌକମାଣ୍ଡର କମୋଡର ନିକୋଲାଓସ୍ ଲୁକ୍ସାଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ମାରି ନୌସେନା ଘାଟି ପରିଦର୍ଶନ କରିଥିଲେ । ସାଇପ୍ରସ ସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ମନିସ୍ ଏଡି ଗସ୍ତ କାଳରେ ଉପସ୍ଥିତ ଥିଲେ । ଭାରତୀୟ ପ୍ରତିନିଧି ମଣ୍ଡଳୀ ସେଠାରେ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହ ମତ ବିନିମୟ କରିଛନ୍ତି । ଏହି ଆଲୋଚନା ଦ୍ୱିପାକ୍ଷିକ ସାମୁଦ୍ରିକ ସୁରକ୍ଷା, ବୃତ୍ତିଗତ ଆଦାନପ୍ରଦାନ ଓ ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ସୂଚନା ଯୋଗ୍ୟ ପ୍ରତିରକ୍ଷା ସଚିବ ଶ୍ରୀ ସିଂହଙ୍କ ନେତୃତ୍ୱାଧିନ ପ୍ରତିନିଧି ମଣ୍ଡଳୀ ଦୁଇ ଦିନିଆ ସାଇପ୍ରସ ଗସ୍ତରେ ଅଛନ୍ତି ।

# ଆଇସିସି ପ୍ଲେୟର ଅଫ୍ ଦି ମନ୍ତ

ଆନ୍ତର୍ଜାତିକ କ୍ରିକେଟ ପରିଷଦ ଆଇସିସି’ ଭାରତୀୟ ମହିଳା କ୍ରିକେଟର ସେଫାଳି ବର୍ମାଙ୍କୁ ଚଳିତ ବର୍ଷ ସେପ୍ଟେମ୍ବର ମାସର ଶ୍ରେଷ୍ଠ

ଖେଳାଳି ଭାବେ ବିବେଚିତ କରିଛି । ମହିଳା ଏସିଆ କପ୍ ଏବଂ ଏସୀୟ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରିଥିବା ସେଫାଳି ବର୍ମା ମହିଳା କ୍ରିକେଟ୍‌ରେ ଏହି ସଫଳତା ହାସଲ କରିଛନ୍ତି । ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ସେପ୍ଟେମ୍ବର ମାସର ଶ୍ରେଷ୍ଠ ଖେଳାଳି ଭାବେ ଅଭିହିତ କରାଯାଇଛି । ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଇସିସି ପକ୍ଷରୁ ଏହି ମାନ୍ୟତା ମିଳିଛି । ଗତବର୍ଷ ନଭେମ୍ବର ମାସରେ ୨୨ ବର୍ଷୀୟ ସେଫାଳି ବର୍ମାଙ୍କୁ ମଧ୍ୟ ଶ୍ରେଷ୍ଠ ଖେଳାଳି ମାନ୍ୟତା ମିଳିଥିଲା ।